**ନାରାୟଣସ୍ୱାମୀ ରବିଶଙ୍କର**

**ବନାମ**

**ସହକାରୀ ନିର୍ଦ୍ଦେଶକ, ରାଜସ୍ୱ ଗୁପ୍ତ ସୂଚନା ନିର୍ଦ୍ଦେଶାଳୟ**

**ଅକ୍ଟୋବର 3, 2002**

**[ପ୍ରଧାନ ନ୍ୟାୟାଧୀଶ ବି. ଏନ୍. କିରପାଲ୍, ଅରିଜିତ ପଶାୟତ ଏବଂ ଏସ୍. ବି. ସିହ୍ନା, ନ୍ୟାୟମୂର୍ତ୍ତିବୃନ୍ଦ]**

*ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985:*

*ଧାରା 42, 43, 50 ଏବଂ 57 - ଅଭିଯୁକ୍ତଙ୍କ ସୁଟକେସ୍ ରୁ ଉଦ୍ଧାର ହୋଇଥିବା ହେରୋଇନ୍ - ବିମାନବନ୍ଦରରେ ହୋଇଥିବା ତଲାସି ଏବଂ ଜବତ - ଧାରା 42 ଏବଂ 50 ର ପାଳନ ହୋଇନଥିବାରୁ ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା - ଉଚ୍ଚ ନ୍ୟାୟାଳୟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ଏବଂ 10 ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା - ଧାରା 42 ଏବଂ 57 ର ପାଳନ ହୋଇନଥିଲା ବୋଲି ଅଭିଯୁକ୍ତଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ହୋଇଥିବା ଆବେଦନରେ କରାଯାଇଥିବା ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଏକ ସାର୍ବଜନୀନ ସ୍ଥାନରେ, ଯଥା, ବିମାନବନ୍ଦରରେ, ତଲାସି ଏବଂ ଜବତ କରାଯାଇଥିବାରୁ, ଧାରା 43 ର ବ୍ୟବସ୍ଥା ଲାଗୁ ହୋଇଥିଲା - ସେଥିପାଇଁ, ଧାରା 42 ର ପାଳନ ନ ହେବା, ଯଦି ସେପରି କିଛି ହୋଇଥାଏ, ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ଅଟେ - ଧାରା 57 ର ଆରୋପିତ ପାଳନ ହୋଇନଥିବା ସମ୍ବନ୍ଧରେ, ନଥି ଦର୍ଶାଏ ଯେ ଅଭିଯୁକ୍ତଙ୍କ ଗିରଫଦାରୀ ବିଷୟ ବରିଷ୍ଠ ଅଧିକାରୀ, ଅର୍ଥାତ୍ ଡେପୁଟି ନିର୍ଦ୍ଦେଶକଙ୍କ ନିକଟରେ ପ୍ରକଟ କରାଯାଇଥିଲା - ଅଭିଯୁକ୍ତ ବ୍ୟକ୍ତିଙ୍କର କୌଣସି ତଲାସି ଏବଂ ଜବତ କରାଯାଇ ନଥିଲା ଏବଂ ସେଥିପାଇଁ, ଧାରା 50 ର ବ୍ୟବସ୍ଥା ଲାଗୁ ହୋଇନଥିଲା - ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ସଠିକ୍ ଭାବରେ ଦୋଷୀ ସାବ୍ୟସ୍ତ କରିଥିଲେ।*

ଫୌଜଦାରୀ ଆବେଦନ ଅଧିକରିତା: ଫୌଜଦାରୀ ଆବେଦନ ସଂଖ୍ୟା 770/2002।

ଫୌଜଦାରୀ ଆବେଦନ ସଂଖ୍ୟା 346/1992 ରେ ଚେନ୍ନାଇସ୍ଥିତ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ 18.2.2002 ର ରାୟ ଏବଂ ଆଦେଶରୁ ଆବେଦନ।

ଆବେଦନକାରୀଙ୍କ ତରଫରୁ ଏନ୍. ନଟରାଜନ୍, ସେନ୍ଥିଲ୍ ଜଗଦୀଶନ୍ ଏବଂ ଭି. ରାମସୁବ୍ରମଣ୍ୟନ୍ ।

ଉତ୍ତରଦାତାଙ୍କ ତରଫରୁ କ୍ରିଷ୍ଣା ପ୍ରସାଦ (ଏନ୍. ପି.) ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆମ୍ଭେ ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହି ମାମଲାରେ, ଅଭିଯୋଜନ କହିବା ଅନୁଯାୟୀ, ଆବେଦନକାରୀଙ୍କର ବୋଲି କୁହାଯାଉଥିବା ଏକ ସୁଟକେସ୍ ନିମ୍ନଭାଗରେ ଲୁଚାଇ ରଖାଯାଇଥିବା 5940 ଗ୍ରାମ ହେରୋଇନ ଉଦ୍ଧାର କରାଯାଇଥିଲା, ଯେତେବେଳେ ସେ ଏହାକୁ ଚେନ୍ନାଇର ଆନ୍ତର୍ଜାତୀୟ ବିମାନବନ୍ଦରରୁ ସିଙ୍ଗାପୁରକୁ ପରିବହନ କରିବାକୁ ଚେଷ୍ଟା କରୁଥିଲେ । ପୁନରୁଦ୍ଧାର ଜ୍ଞାପକ 5 ଜାନୁଆରୀ, 1987 ରେ ସକାଳ 3 ଟାରେ ପ୍ରସ୍ତୁତ କରାଯାଇଥିଲା ଏବଂ ତାହା ପରେ ସେହି ଦିନ ଅପରାହ୍ଣ 2 ଟାରେ ଆବେଦନକାରୀଙ୍କୁ ଗିରଫ କରାଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରି କହିଥିଲେ ଯେ ନିଶା ଔଷଧ ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985 (ସଂକ୍ଷେପରେ, "ଏନ୍.ଡି.ପି.ଏସ୍." ଅଧିନିୟମ) ର ଧାରା 42 ଏବଂ ଧାରା 50 ଭଳି ବାଧ୍ୟତାମୂଳକ ବ୍ୟବସ୍ଥାଗୁଡ଼ିକୁ ପାଳନ କରାଯାଇନଥିଲା ।

ଅପିଲ ହେବା ପରେ, ଉଚ୍ଚ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟଙ୍କ ନିର୍ଣ୍ଣୟକୁ ଓଲଟାଇ ଦେଇଥିଲେ ଏବଂ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ 10 ବର୍ଷର କାରାଦଣ୍ଡ ସହିତ 1 ଲକ୍ଷ ଟଙ୍କାର ଜୋରିମାନାରେ ଦଣ୍ଡିତ କରିଥିଲେ ଏବଂ ଜୋରିମାନା ନ ଦେଲେ ଏକ ମାସର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଏହି ଆବେଦନରେ, ଆବେଦନକାରୀଙ୍କ ତରଫରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 42 ର ବ୍ୟବସ୍ଥାକୁ ପାଳନ କରାଯାଇନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆବେଦନକାରୀଙ୍କୁ ଗିରଫ କରିବାରେ ବିଳମ୍ବ ହୋଇଥିଲା ଯାହାର କାରଣ ଦିଆଯାଇନାହିଁ ଏବଂ ଆହୁରି ମଧ୍ୟ କହିଛନ୍ତି ଯେ ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 57 ର ବ୍ୟବସ୍ଥାଗୁଡ଼ିକୁ, ଯେଉଁଗୁଡ଼ିକ ବାଧ୍ୟତାମୂଳକ ପ୍ରକୃତିର ଅଟେ, ପାଳନ କରାଯାଇନାହିଁ ।

ଏହି ମାମଲାରେ, ନଥିରେ ଥିବା ଦସ୍ତାବିଜ ଏବଂ ସାକ୍ଷୀମାନଙ୍କ ସାକ୍ଷ୍ୟ ପ୍ରମାଣ ଅନୁଯାୟୀ, ବିମାନବନ୍ଦରରେ ତଲାସି ଏବଂ ଜବତ କରାଯାଇଥିଲା, ଯାହା ଏକ ସାର୍ବଜନୀନ ସ୍ଥାନ ଅଟେ । ତେଣୁ, ଏଠାରେ ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 43 ର ବ୍ୟବସ୍ଥାଗୁଡ଼ିକ ଲାଗୁ ହେବ । ଆହୁରି, ଯେହେତୁ ବର୍ତ୍ତମାନର ମାମଲାରେ ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 42 ଲାଗୁ ହୋଇନଥିଲା, ଏକ ସାର୍ବଜନୀନ ସ୍ଥାନରେ ଜବତ କରାଯିବା କାରଣରୁ, ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 42 ର ବ୍ୟବସ୍ଥାଗୁଡ଼ିକର ପାଳନ ନ ହେବାର, ଯଦି ସେପରି କିଛି ହୋଇଥାଏ, ପ୍ରଶ୍ନ ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ଅଟେ । ଏହାଛଡ଼ା, ପ୍ରସ୍ତୁତ ହୋଇଥିବା ମହାଜାରରେ ଏହା ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଏହି ଜବତ ଅଭିଯୋଜନ ସାକ୍ଷୀ-1 ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଜଣେ ଏସ୍. ଜୟନ୍ତଙ୍କ ଦ୍ୱାରା ଏହି ମହାଜାର ପ୍ରସ୍ତୁତ ହୋଇଥିଲା । କିନ୍ତୁ, ଜୟନ୍ତଙ୍କୁ ଜେରା କରାଯାଇ ନାହିଁ ଏବଂ ସେଥିପାଇଁ ଅଭିଯୋଜନ ପକ୍ଷର ବିବରଣୀ ସମାଲୋଚ୍ୟ  ଅଟେ ବୋଲି ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା କରାଯାଇଥିବା ଯୁକ୍ତିର କୌଣସି ଫଳାଫଳ ନାହିଁ କାରଣ ଏହି ଜବତ ଅଭିଯୋଜନ ସାକ୍ଷୀ-1 ଙ୍କ ଦ୍ୱାରା କରାଯାଇଛି । ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 57 ର କଥିତ ପାଳନ ନ ହେବା ସମ୍ବନ୍ଧରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ ଉଲ୍ଲେଖ କରିଛନ୍ତି ଯେ ଅଭିଯୋଜନ ସାକ୍ଷୀ-3 କହିଛନ୍ତି ଯେ ଅଭିଯୁକ୍ତଙ୍କ ଗିରଫଦାରୀ ବିଷୟ ତାଙ୍କ ତତ୍କାଳୀନ ବରିଷ୍ଠ ଅଧିକାରୀ, ଅର୍ଥାତ୍ ଡେପୁଟି ନିର୍ଦ୍ଦେଶକଙ୍କ ନିକଟରେ ପ୍ରକଟ କରାଯାଇଥିଲା ।

ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଆବେଦନକାରୀଙ୍କୁ ଯେଉଁ ଆଧାରରେ ଗିରଫ କରାଯାଇଥିଲା ତାହା ତାଙ୍କୁ ଅବଗତ କରାଯାଇ ନଥିଲା । ଆମ୍ଭେ ଏଥିରେ କୌଣସି ଯୋଗ୍ୟତା ପାଉନାହୁଁ କାରଣ ଗିରଫ ସ୍ମାରକ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଅପରାଧଟି ଆବେଦନକାରୀଙ୍କ ଦ୍ୱାରା ଏନ୍.ଡି.ପି.ଏସ୍. ଅଧିନିୟମ ଅନୁଯାୟୀ ହୋଇଥିବାର କୁହାଯାଇଥିଲା । ଆହୁରି, ନଥି ଏହା ମଧ୍ୟ ଦର୍ଶାଏ ଯେ ଗିରଫ ସ୍ମାରକ, ପ୍ରଦର୍ଶନୀ P-20, ର ନକଲ ଆବେଦନକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା ।

ଏହି ମାମଲାରେ, ଅଭିଯୁକ୍ତ ବ୍ୟକ୍ତିଙ୍କର କୌଣସି ତଲାସି କିମ୍ବା ଜବତ କରାଯାଇ ନଥିଲା ଏବଂ ସେଥିପାଇଁ, ଏନ୍.ଡି.ପି.ଏସ୍. ଅଧିନିୟମର ଧାରା 50 ର ବ୍ୟବସ୍ଥା ଲାଗୁ ହୋଇନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ଯେଉଁ ଉପସଂହାରରେ ପହଞ୍ଚିଥିଲେ ତାହା ଠିକ୍ ଥିଲା ।

ଆମ୍ଭେ ଏହି ଆବେଦନରେ କୌଣସି ଯୋଗ୍ୟତା ପାଉନାହୁଁ **।**  ତଦନୁସାରେ ଆବେଦନଟି ଖାରଜ ହୋଇଛି ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଅନୁବାଦକ :*

**ଅମରେଶ୍ୱର ମିଶ୍ର,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**